
सत्यमेव जयते
न्याय विभाग
Department of Justice
भारत सरकार
Government of India

# ସମ୍ବିଧାନ ଦିବସ୍ ଓ ନାଗରିକଙ୍କ କର୍ତ୍ତବ୍ୟ
# ନଭେମ୍ବର 26, 2019 - ନଭେମ୍ବର 26, 2020



"ଯଦି ସମ୍ବିଧାନ, ସରକାରଙ୍କ ଦ୍ୱାରା ଅନୁପାଳନର କେବଳ ଏକ ମାମୁଲି ନଥି ଭାବେ ପରିଗଣିତ ହୁଏ, ତା ହେଲେ ଗଣତନ୍ତ୍ର ବ୍ୟାହତ ହେବ, ସେଥିପାଇଁ ଏହା ମୂଳ ଆଧାର ପର୍ଯ୍ୟନ୍ତ ପହଞ୍ଚିବା ଆବଶ୍ୟକ।"


ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ଭାରତୀୟ ସମ୍ବିଧାନ

- ସମ୍ବିଧାନ ଦେଶର ମୌଳିକ ରାଜନୈତିକ ଢାଞ୍ଚାକୁ ସୂଚୀତ କରିଥାଏ । ଏହା ସଂସଦୀୟ ଗଣତନ୍ତ୍ର ଏବଂ ପ୍ରଜାତନ୍ତ୍ରକୁ ଏକ ସଂଘୀୟ ବ୍ୟବସ୍ଥା ଭାବେ ପ୍ରତିପାଦିତ କରେ ।
- ଭାରତୀୟ ସମ୍ବିଧାନରେ ଆମ ସମ୍ବିଧାନ ପ୍ରଣେତାମାନଙ୍କ ଦୂରଦୃଷ୍ଟି ତଥା ମୂଲ୍ୟବୋଧ ନିହିତ ରହିଛି। ଏହା ସେମାନଙ୍କର ଚିନ୍ତନ – ସାମାଜିକ, ରାଜନୈତିକ ଓ ଆର୍ଥିକ ଆଭିମୁଖ୍ୟ, ଆସ୍ଥା ଓ ଉଦ୍ଦେଶ୍ୟକୁ ପ୍ରତିନିଧିତ୍ୱ କରେ ।
- ଆମ ସମ୍ବିଧାନ ଭାରତୀୟ ଗଣତନ୍ତ୍ରର ମୁଖ୍ୟ ଅଙ୍ଗ – କାର୍ଯ୍ୟପାଳିକା, ବ୍ୟବସ୍ଥାପକ ଓ ନ୍ୟାୟପାଳିକାର ସଞ୍ଜ୍ଞା ନିରୂପଣ କରେ – ଏବଂ ସେମାନଙ୍କର କ୍ଷମତା ଓ ଦାୟିତ୍ୱର ସୀମା ନିରୂପଣ କରେ ।
- ଭାରତୀୟ ସମ୍ବିଧାନର ପ୍ରମୁଖ ବୈଶିଷ୍ଟ୍ୟ:
  - ସଂସଦୀୟ ଶାସନ (ସରକାର) ବ୍ୟବସ୍ଥା
  - ସଂଘୀୟ ଢାଞ୍ଚା
  - ଧର୍ମନିରପେକ୍ଷ ରାଷ୍ଟ୍ର
  - ସ୍ୱାଧୀନ ନ୍ୟାୟିକ ବ୍ୟବସ୍ଥା
  - ମୌଳିକ ଅଧିକାର ଓ କର୍ତ୍ତବ୍ୟ
  - ରାଷ୍ଟ୍ର ନୀତିନିୟମ ନିର୍ଦ୍ଦେଶାବଳୀ
  - ନାଗରିକତ୍ୱ
  - ସାବାଳକ ଭୋଟଦାନ ଅଧିକାର
- ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ସର୍ବବୃହତ୍ ଏବଂ ସବୁଠାରୁ ବିସ୍ତୃତ ଗ୍ରନ୍ଥ ଯାହା ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଆୟର୍ଲାଣ୍ଡ, ରୁଷିଆ ଆଦି ସମ୍ବିଧାନରୁ ପ୍ରେରଣା ଲାଭକରିଛି ।
- ଆମ ସମ୍ବିଧାନରେ 395ଟି ଧାରା ରହିଛି, ଏହା 22ଟି ଭାଗରେ ବିଭକ୍ତ ଏବଂ ଏଥିରେ 12ଟି ପରିଶିଷ୍ଟ ରହିଛି ।

"ଭାରତୀୟଙ୍କ ପାଇଁ ସମ୍ମାନ ଏବଂ ଭାରତୀୟଙ୍କ ପାଇଁ ଏକତା"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଇଂରାଜୀରେ କାଲିଗ୍ରାଫିରେ ଲିଖିତ ଭାରତ ସମ୍ବିଧାନର ପ୍ରଥମ ପୃଷ୍ଠା

**ସମ୍ବିଧାନର ମୂଳ ପାଣ୍ଡୁଲିପି ଭୁଜପତ୍ରରେ ଲେଖାଯାଇଥିଲା, ଯାହାର ଆକାର 16X22 ଇଞ୍ଚ ଓ ଆୟୁସୀମା ଏକ ହଜାର ବର୍ଷ । ସଂପୂର୍ଣ୍ଣ ସମ୍ବିଧାନଟି 251 ପୃଷ୍ଠାରେ ଲିଖିତ ଏବଂ ତାହାର ମୋଟ ଓଜନ ହେଉଛି 3.75 କିଲୋଗ୍ରାମ ।**

# ସମ୍ବିଧାନ ସଭା ଓ ସମ୍ବିଧାନ ପ୍ରସ୍ତୁତି

ଭାରତୀୟ ସମ୍ବିଧାନ 1946ରୁ 1949 ମସିହା ମଧ୍ୟରେ ଏକ ସମ୍ବିଧାନ ସଭା (କ୍ୟାବିନେଟ ମିଶନ ଯୋଜନା 1946 ଅନ୍ତର୍ଗତ ଗଠିତ) ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏହି ସଭାର ଅଧ୍ୟକ୍ଷ ଥିଲେ।

ସମ୍ବିଧାନ ସଭାରେ ମୋଟ 299 (15ଜଣ ମହିଳା ସଦସ୍ୟଙ୍କୁ ମିଶାଇ) ସଦସ୍ୟ ଥିଲେ ଏବଂ ସେମାନେ ସମ୍ବିଧାନ ପ୍ରସ୍ତୁତି ପାଇଁ ତିନି ବର୍ଷ (1946-1949)ରୁ କମ୍ ସମୟ ନେଇଥିଲେ ।

ସମ୍ବିଧାନ ସଭାର ସଦସ୍ୟମାନେ 1946 ମସିହା ଡିସେମ୍ବର ଠାରୁ 1949 ମସିହା ନଭେମ୍ବର ମାସ ମଧ୍ୟରେ ମୋଟ 11ଟି ଅଧିବେଶନରେ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ଚିଠା ସମ୍ବିଧାନ ପ୍ରସ୍ତୁତି ପାଇଁ 1947 ମସିହା ଅଗଷ୍ଟ 29 ତାରିଖ ଦିନ ଡକ୍ଟର ବି ଆର ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ସଭାର ଚିଠା କମିଟି ଗଠନ କରାଯାଇଥିଲା ।


ସମ୍ବିଧାନ ସଭାର ଅଧିବେଶନ, ଡିସେମ୍ବର 1946

"ସମ୍ମାନନୀୟ ବାବା ସାହେବ ଆମ୍ବେଦକରଜୀଙ୍କ ନେତୃତ୍ୱରେ ଭାରତ ଏକ ସମାବେଶୀ ସମ୍ବିଧାନ ଚିଠା ପ୍ରସ୍ତୁତ କରିଥିଲା । ଏହି ସମାବେଶୀ ସମ୍ବିଧାନ ଏକ ନୂତନ ଭାରତ ଗଠନ ସକାଶେ ସଂକଳ୍ପ ଗ୍ରହଣ କରିବାର ଆବାହନୀ ଥିଲା । ଏହା ଆମମାନଙ୍କ ଉପରେ କେତେଗୁଡ଼ିଏ ଦାୟିତ୍ୱ ନ୍ୟସ୍ତ କରିଥିଲା ଏବଂ ଆମମାନଙ୍କ ପାଇଁ କେତେଗୋଟି ସୀମା ମଧ୍ୟ ନିର୍ଦ୍ଧାରଣ କରିଥିଲା ।"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

"ଆମ ସମ୍ବିଧାନ କେବଳ ଆଇନଜ୍ଞମାନଙ୍କର ଏକ ନଥି ନୁହେଁ, ଏହା ଜୀବନର ଏକ ବାହକ ଓ ଏହାର ଆତ୍ମା ସଦାସର୍ବଦା ସମୟର ସ୍ରୋତକୁ ସୂଚୀତ କରେ ।"

ଡଃ ବି. ଆର. ଆମ୍ବେଦକର


ଡକ୍ଟର ବି ଆର ଆମ୍ବେଦକରଙ୍କ ଫଟୋଚିତ୍ର


କେନ୍ଦ୍ର କ୍ୟାବିନେଟର ସଦସ୍ୟବୃନ୍ଦ ଭାରତର ସମ୍ବିଧାନରେ ସେମାନଙ୍କର ସ୍ୱାକ୍ଷର କରୁଛନ୍ତି । ରାଜକୁମାରୀ ଅମ୍ରିତ କୌର, ଡକ୍ଟର ଜନ୍ ମାଥାଇ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଫଟୋରେ ଦୃଶ୍ୟମାନ ।

1949 ମସିହା ନଭେମ୍ବର 26 ତାରିଖ ଦିନ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା । 1950 ମସିହା ଜାନୁଆରୀ 26 ତାରିଖ ଠାରୁ ଏହା ବଳବତ୍ତର ହୋଇଥିଲା । ସେହି ଦିନଠାରୁ ସମ୍ବିଧାନ ସଭା ରଦ୍ଦ ହୋଇଥିଲା ଏବଂ 1952 ମସିହାରେ ନୂତନ ସଂସଦ ଗଠିତ ହେବା ପର୍ଯ୍ୟନ୍ତ ଏହାକୁ ଭାରତର ଅସ୍ଥାୟୀ ସଂସଦ ରୂପେ ରୂପାନ୍ତରୀତ କରାଯାଇଥିଲା । ଚିଠା ସମ୍ବିଧାନ ସଂପର୍କରେ ଆଲୋଚନା କରାଯିବା ସକାଶେ, ସମ୍ବିଧାନ ସଭାରେ ମୋଟ ମୋଟ 7635ଟି ସଂଶୋଧନ ପ୍ରସ୍ତାବ ଆଗତ ହୋଇଥିଲା, ସେଥି ମଧ୍ୟରୁ 2473ଟି ପ୍ରସ୍ତାବର ଆଲୋଚନା ଏବଂ ସମାଧାନ କରାଯାଇଥିଲା ।

ସମ୍ବିଧାନ ସଭାର ମୋଟ 299 ଜଣ ସଦସ୍ୟଙ୍କ ମଧ୍ୟରୁ ଚୂଡ଼ାନ୍ତ ସମ୍ବିଧାନରେ 284 ଜଣ ସଦସ୍ୟ ସ୍ୱାକ୍ଷର କରିଥିଲେ ।

ସମ୍ବିଧାନ ସଭା ମୋଟ 13ଟି କମିଟିକୁ ସମ୍ବିଧାନ ପ୍ରସ୍ତୁତିର ବିଭିନ୍ନ କାର୍ଯ୍ୟ ସଂପାଦନ ସକାଶେ ନିଯୁକ୍ତ କରିଥିଲା । ସେଥି ମଧ୍ୟରୁ ଆଠଟି ଥିଲା ଗୁରୁତ୍ୱପୂର୍ଣ୍ଣ କମିଟି ଏବଂ ଅନ୍ୟଗୁଡ଼ିକ ଥିଲା ଗୌଣ କମିଟି ।

ସମ୍ବିଧାନ ସଭାର ଆଠଟି ଗୁରୁତ୍ୱପୂର୍ଣ୍ଣ କମିଟିର ନାମ

- ଚିଠା କମିଟି
- କେନ୍ଦ୍ର କ୍ଷମତା କମିଟି
- କେନ୍ଦ୍ର ସମ୍ବିଧାନ କମିଟି
- କ୍ଷେତ୍ରୀୟ ସମ୍ବିଧାନ କମିଟି
- ମୌଳିକ ଅଧିକାର, ସଂଖ୍ୟାଲଘୁ ଏବଂ ଆଦିବାସୀ ଓ ବଞ୍ଚିତ କ୍ଷେତ୍ର ସଂକ୍ରାନ୍ତ ଉପଦେଷ୍ଟା କମିଟି
- ବିଧି ବିଧାନ କମିଟି
- ରାଜ୍ୟ କମିଟି
- ଷ୍ଟିଅରିଂ କମିଟି


1950 ମସିହା ଜାନୁଆରୀ 24 ତାରିଖ ଦିନ ସମ୍ବିଧାନ ସଭାର ଚୂଡ଼ାନ୍ତ ଅଧିବେଶନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ

1947 ମସିହା ଜୁଲାଇ 22 ତାରିଖ ଦିନ ସମ୍ବିଧାନ ସଭା ଜାତୀୟ ପତାକା ପ୍ରସ୍ତାବକୁ ଗୃହୀତ କରିଥିଲା ଏବଂ ରାଷ୍ଟ୍ରୀୟ ଗାନ ଓ ଜାତୀୟ ସଂଗୀତ ପ୍ରସ୍ତାବ 1950 ମସିହା ଜାନୁଆରୀ 24 ତାରିଖ ଦିନ ଗୃହୀତ ହୋଇଥିଲା।

ଆଧୁନିକ ଭାରତୀୟ ଚିତ୍ରକଳାର ପ୍ରଖ୍ୟାତ ଚିତ୍ରକର ଶ୍ରୀ ନନ୍ଦଲାଲ ବୋଷ ସମ୍ବିଧାନର ପ୍ରତିଟି ପୃଷ୍ଠାର ବର୍ଡର ଡିଜାଇନ୍ ପ୍ରସ୍ତୁତ କରିଥିଲେ ଏବଂ ସେଥିରେ ବିଭିନ୍ନ ପ୍ରକାର ଚିତ୍ରକଳା ଆଙ୍କି ଥିଲେ ।

ଶ୍ରୀ ପ୍ରେମ ବିହାରୀ ନାରାଇନ ରାଇଜାଦା, ଯିଏକି କାଲିଗ୍ରାଫି କଳାର ଜଣେ ପ୍ରଖ୍ୟାତ ଶିଳ୍ପୀ ଥିଲେ, ଏକାକୀ ଅଶେଷ ଶ୍ରମ ସ୍ୱୀକାର ପୂର୍ବକ ନିଜ ହାତରେ ସମଗ୍ର ସମ୍ବିଧାନକୁ ଲେଖିଥିଲେ । ଏଥିପାଇଁ ସେ ମୋଟ ଛଅମାସ ସମୟ ନେଇଥିଲେ ଏବଂ ତାଙ୍କର ଏହି ଅକ୍ଳାନ୍ତ ଶ୍ରମ ପାଇଁ ସେ କୌଣସି ପାରିଶ୍ରମିକ ଦାବି କରିନଥିଲେ ।


୧୯୫୦ ମସିହାରେ ସମ୍ବିଧାନ ସଭାର ସଦସ୍ୟମାନଙ୍କ ମିଳିତ ଫଟୋଗ୍ରାଫ

## ସମ୍ବିଧାନ ସଭା ଓ ଏହାର ପ୍ରମୁଖ ସଦସ୍ୟଗଣ

କ୍ୟାବିନେଟ୍ ମିଶନ ଯୋଜନାର ସୁପାରିସ ଅନୁସାରେ ସମ୍ବିଧାନ ସଭାର ସଦସ୍ୟମାନଙ୍କୁ କ୍ଷେତ୍ରୀୟ ବିଧାନସଭାଗୁଡ଼ିକରୁ ପରୋକ୍ଷ ଭାବେ ନିର୍ବାଚିତ କରାଯାଇଥିଲା । ଏହି ସଭାରେ ମୋଟ 299 ଜଣ ସଦସ୍ୟ ଥିଲେ ଏବଂ ସେମାନଙ୍କ ମଧ୍ୟରୁ 229 ଜଣ ଭାରତର ବିଭିନ୍ନ କ୍ଷେତ୍ରକୁ ପ୍ରତିନିଧିତ୍ୱ କରୁଥିବା ବେଳେ 70 ଜଣ ସଦସ୍ୟ ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱ କରୁଥିଲେ ।
ସମ୍ବିଧାନ ସଭାର କେତେକ ପ୍ରମୁଖ ସଦସ୍ୟଙ୍କ ମଧ୍ୟରେ ଥିଲେ


ଡକ୍ଟର ରାଜେନ୍ଦ୍ର ପ୍ରସାଦ
ସର୍ଦ୍ଦାର ବଲ୍ଲଭଭାଇ ପଟେଲ
ଜବାହରଲାଲ ନେହରୁ
ଡକ୍ଟର ବି ଆର ଆମ୍ବେଦକର
ଗୋବିନ୍ଦ ବଲ୍ଲଭ ପନ୍ଥ
ମୌଲାନା ଅବୁଲ କାଲାମ ଆଜାଦ
ସରୋଜିନୀ ନାଇଡୁ
ରାଜକୁମାରୀ ଅମ୍ରିତ କୌର
ଜେ ବି କୃପାଳିନୀ
ସି ରାଜଗୋପାଳଚାରୀ
ଶରତ ଚନ୍ଦ୍ର ବୋଷ

ଅସଫ ଅଲ୍ଲୀ
ଶ୍ୟାମା ପ୍ରସାଦ ମୁଖାର୍ଜୀ
ହଂସ ମେହେଟ୍ଟା
ଗୋପୀନାଥ ବର୍ଦ୍ଦୋଲୋଇ
ହରେନ୍ଦ୍ର ସି. ମୁଖାର୍ଜୀ
ବିନୋଦାନନ୍ଦ ଝା
ଦୁର୍ଗାବାଇ ଦେଶମୁଖ
ଫ୍ରାଙ୍କ୍ ଆନ୍ଥୋନୀ
ଜୟପାଲ ସିଂହ ମୁଣ୍ଡା
ହରଗୋବିନ୍ଦ ପନ୍ଥ
ଜନ୍ ମାଥାଇ

ବେଗମ ଐଜାଜ ରସୁଲ
କେ ଏମ ମୁନସୀ
ସର୍ବପଲ୍ଲୀ ରାଧାକୃଷ୍ଣନ୍
ଅମ୍ମୁ ସ୍ୱାମୀନାଧନ
ଏମ ଅନନ୍ତଶୟନମ୍ ଆୟାଙ୍ଗର
ଆଲ୍ଲାଡ଼ି କୃଷ୍ଣସ୍ୱାମୀ ଆୟାର
ବି ପଟ୍ଟାଭି ସୀତାରମୟା
ଟି ପ୍ରକାଶମ୍
ଏନ ସଞ୍ଜିବା ରେଡ୍ଡୀ
ଏସ୍. ନିଜଲିଙ୍ଗପ୍ପା
ଜି ଭି ମାଭଲଙ୍କର

ପଦ୍ମାପତ ସିଂଘାନିଆ
ପୁରୁଷୋତ୍ତମ ଦାସ ଟଣ୍ଡନ
ସୁଚେତା କୃପାଳିନୀ
ହସରତ ମୋହାନୀ
ରଫି ଅହମ୍ମଦ କିଡୱାଇ
ଅନୁଗ୍ରହନାରାୟଣ ସିହ୍ନା
ଜଗଜ୍ଜୀବନ ରାମ
ସଚ୍ଚିଦାନନ୍ଦ ସିହ୍ନା
ସତ୍ୟନାରାୟଣ ସିହ୍ନା
ଶ୍ରୀ କୃଷ୍ଣ ସିହ୍ନା
ସେଠ୍ ଗୋବିନ୍ଦ ଦାସ

ହରି ସିଂହ ଗୌର
ପଞ୍ଜାବରାଓ ଏସ ଦେଶମୁଖ
ରବି ଶଙ୍କର ଶୁକ୍ଳା
ହରେକୃଷ୍ଣ ମହତାବ
ଆନି ମାସ୍କାରେନ
ଜୀବରାଜ ନାରାୟଣ ମେହେଟ୍ଟା
ମୋଟୁରୀ ସତ୍ୟନାରାୟଣ
ଦୀପ ନାରାୟଣ ସିଂହ
ସାର୍ ସୟଦ୍ ମହମ୍ମଦ ସାଦୁଲ୍ଲା
କେ କାମରାଜ
ପି ସୁବ୍ବାରାୟନ୍


I beg to move, Sir,

"That it be resolved that:

(1) After the last stroke of midnight, all members of the Constituent Assembly present on this occasion do take the following pledge:

'At this solemn moment when the people of India, through suffering and sacrifice, have secured freedom, I, .............. a member of the Constituent Assembly of India, do dedicate myself in all humility to the service of India and her people to the end that this ancient land attain her rightful place in the world and make her full and willing contribution to the promotion of world peace and the welfare of mankind.'

(2) Members who are not present on this occasion do take the pledge (with such verbal changes as the President may prescribe) at the time they next attend a session of the Assembly."

ସମ୍ବିଧାନ ସଭାର ସଦସ୍ୟଙ୍କ ଶପଥପାଠ

# ନାଗରିକ ଓ ମୌଳିକ କର୍ତ୍ତବ୍ୟ

## ଭାରତୀୟ ସମ୍ବିଧାନର ଏକ ପ୍ରମୁଖ ବୈଶିଷ୍ଟ୍ୟ



" ଅଧିକାର ହେଉଛି ସୁନିର୍ବାହ କର୍ତ୍ତବ୍ୟ "

ମହାତ୍ମା ଗାନ୍ଧୀ

ଭାରତ ସରକାର ଭାରତର ସମସ୍ତ ନାଗରିକଙ୍କ ନିକଟରେ ପହଞ୍ଚୁଛନ୍ତି ଯଦ୍ୱାରା ଆମର ନାଗରିକ ଓ ମୌଳିକ କର୍ତ୍ତବ୍ୟ (ନଭେମ୍ବର 26, 2019 ଠାରୁ ନଭେମ୍ବର 26, 2020) ସଂପର୍କରେ ସେମାନଙ୍କୁ ଅଧିକ ଭାବେ ସଚେତନ କରାଯାଇପାରିବ ।ସାମିଲ ହୁଅନ୍ତୁ #ଏହା ମୋର କର୍ତ୍ତବ୍ୟ

ପ୍ରମୁଖ ବୈଶିଷ୍ଟ୍ୟ

- ଭାରତର ଜନସାଧାରଣଙ୍କୁ ସଚେତନ କରିବା, ଯେ ସେମାନେ ହେଉଛନ୍ତି ସମ୍ବିଧାନ ଓ ଏହାର ମୂଲ୍ୟବୋଧ ତଥା ସେଥିରେ ଥିବା ବିଧିବିଧାନର ପ୍ରକୃତ ସୁରକ୍ଷାକାରୀ ।
- ସମସ୍ତ ନାଗରିକଙ୍କୁ ଅନ୍ୟ ନାଗରିକଙ୍କ ପ୍ରତି, ସମାଜ ପ୍ରତି ତଥା ଦେଶପ୍ରତି ଥିବା କର୍ତ୍ତବ୍ୟ ସଂପର୍କରେ ପୁନଃସଚେତନ କରିବା ।
- ଜାତୀୟ ଭାବନାକୁ ନେଇ ପ୍ରତ୍ୟେକ ନାଗରିକ ମନରେ ଗର୍ବ ଅନୁଭବ କରିବା ।
- ରାଷ୍ଟ୍ର ପ୍ରତି ନିଜର ଶୃଙ୍ଖଳା ଓ ପ୍ରତିବଦ୍ଧତା ବୃଦ୍ଧି ନିମନ୍ତେ ସମସ୍ତଙ୍କୁ ସହାୟତା ପ୍ରଦାନ କରିବା ଏବଂ ରାଷ୍ଟ୍ର ନିର୍ମାଣ ଦିଗରେ ନାଗରିକମାନଙ୍କ ଶକ୍ତିକୁ ପ୍ରୋତ୍ସାହିତ କରିବା ।

## ନାଗରିକମାନଙ୍କ କର୍ତ୍ତବ୍ୟ ସଂପର୍କରେ ସଚେତନତା

- ନଭେମ୍ବର 26, 2019 ତାରିଖ ଦିନ ଜାରି ଅନଲାଇନ୍ ସଂକଳ୍ପନାମାରେ ସ୍ୱାକ୍ଷର କରନ୍ତୁ ଏବଂ ତତ୍କାଳ myGov.in ରେ ଏକ ପ୍ରମାଣପତ୍ର ଲାଭ କରନ୍ତୁ ।
- ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କାର୍ଯ୍ୟକ୍ରମରେ ଯୋଗଦିଅନ୍ତୁ ।
- ନାଗରିକମାନଙ୍କ ଆଉଟରିଚ୍ ଉପକରଣ ଓ ମୌଳିକ କର୍ତ୍ତବ୍ୟ ଯାହା www.doj-gov.inରେ ଉପଲବ୍ଧ ତାହାକୁ ଡାଉନଲୋଡ଼ କରନ୍ତୁ ।

" ମୁଁ ଆପଣମାନଙ୍କୁ ନିବେଦନ କରୁଛି ଯେ ଆପଣମାନେ ଅନ୍ତତଃ ପକ୍ଷେ ଗୋଟିଏ ଶପଥ ନିଅନ୍ତୁ ଓ ରାଷ୍ଟ୍ରପ୍ରତି ଆପଣମାନଙ୍କର ଗୋଟିଏ କର୍ତ୍ତବ୍ୟ ଓ ଅନୁରକ୍ତି କଥା ଚିନ୍ତା କରନ୍ତୁ । ନିଜ କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇ ଦେଶର 130 କୋଟି ନାଗରିକଙ୍କ ପ୍ରୟାସ ଓ 130 କୋଟି ସଂକଳ୍ପ ଏ ରାଷ୍ଟ୍ର ପାଇଁ ଯଥେଷ୍ଟ କର୍ତ୍ତବ୍ୟ ସଂପାଦନ କରିପାରିବ । "

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସ୍ୱଚ୍ଛ ଭାରତ ଦିବସ 2019

ଆମକୁ ଅନୁସରଣ କରନ୍ତୁ @Doj_India and @MyGov #ଏହା ମୋର କର୍ତ୍ତବ୍ୟ

http://legislative.gov.in/constitution-of-india
ରେ ଭାରତ ସମ୍ବିଧାନର ସଂପୂର୍ଣ୍ଣ ପାଠ ଓ ମୌଳିକ କର୍ତ୍ତବ୍ୟ ଆପଣମାନେ ଦେଖିପାରିବେ ।

न्याय विभाग
Department of Justice
भारत सरकार
Government of India
सत्यमेव जयते

# ମୌଳିକ କର୍ତ୍ତବ୍ୟ– ମହତ୍ତ୍ୱ ଓ ସଂଯୋଗ

" ମୁଁ ମୋର କର୍ତ୍ତବ୍ୟ ସଂପର୍କରେ ମା କୋଳରୁ ହିଁ ଶିକ୍ଷାଲାଭ କରିଛି । ସେ ଜଣେ ଅଶିକ୍ଷିତ ଗ୍ରାମ୍ୟ ମହିଳା .. . ସେ ମୋର ଧର୍ମ ଜାଣିଥିଲେ । ତେଣୁ ବାଲ୍ୟାବସ୍ଥାରୁ ଆମେ ଆମର ଧର୍ମ ସଂପର୍କରେ ଅବଗତ ଓ ଏହାକୁ ଆମର ଅଧିକାର ଭାବେ ଅନୁସରଣ କରିବାକୁ ପ୍ରୟାସରତ । ଏହାର ସୌନ୍ଦର୍ଯ୍ୟଟି ହେଲା ଏହା ଯେ ଆମର କର୍ତ୍ତବ୍ୟ ହିଁ ଆମକୁ ଆମର ଅଧିକାର ପ୍ରଦାନ କରିଥାଏ । ଅଧିକାରଗୁଡ଼ିକୁ କର୍ତ୍ତବ୍ୟ ଠାରୁ ପୃଥକ୍ କରିହେବନାହିଁ । ଏହିପରି ଭାବେ ସତ୍ୟାଗ୍ରହ ଜନ୍ମଲାଭ କରିଥିଲା । କାରଣ ମୁଁ ସଦାବେଳେ ଚିନ୍ତା କରୁଥିଲି ପ୍ରକୃତରେ ମୋର କର୍ତ୍ତବ୍ୟ କଣ ? "

1947 ମସିହା ଜୁନ 28 ତାରିଖ ଦିନ ଦିଲ୍ଲୀଠାରେ ଆୟୋଜିତ ପ୍ରାର୍ଥନା ସଭାରେ ମୌଳିକ ଅଧିକାର ସଂପର୍କରେ ମହାତ୍ମା ଗାନ୍ଧୀ ପ୍ରଦାନ କରିଥିବା ମତ

ଆମ ସମ୍ବିଧାନରେ 11ଟି ମୌଳିକ କର୍ତ୍ତବ୍ୟ ସାମିଲ କରାଯିବାର ମୁଖ୍ୟ ପରିକଳ୍ପନାଟି ହେଲା ନାଗରିକମାନେ ଯେଉଁ ବ୍ୟାପକ ମୌଳିକ ଅଧିକାର ଉପଭୋଗ କରୁଛନ୍ତି ତାହାର ପ୍ରତିବଦଳରେ ସେମାନଙ୍କ ମନରେ ଏଭଳି କର୍ତ୍ତବ୍ୟର ଚେତନା ଜାଗ୍ରତ କରିବା ।

**ମୌଳିକ କର୍ତ୍ତବ୍ୟ ସମ୍ମାନ, ଗୌରବ, ସହନଶୀଳତା, ଶାନ୍ତି, ବିକାଶ ଓ ସୌହାର୍ଦ୍ଦ୍ୟର ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରେ ।**

1976 ମସିହାରେ ଗୃହିତ 42ତମ ସମ୍ବିଧାନ ସଂଶୋଧନ ଆଇନରେ ଦେଶର ସମସ୍ତ ନାଗରିକଙ୍କ ସକାଶେ ମୌଳିକ କର୍ତ୍ତବ୍ୟକୁ ମୌଳିକ ଆଦର୍ଶ ସହ ବାଧ୍ୟତାମୂଳକ ଭାବେ ସାମିଲ କରାଯାଇଥିଲା

**ସମ୍ବିଧାନରେ ମୌଳିକ କର୍ତ୍ତବ୍ୟକୁ ସାମିଲ କରିବା ନିମନ୍ତେ ଗଠିତ କମିଟି ମତ ପୋଷଣ କରିଥିଲା ଯେ ନାଗରିକମାନେ ଯେଭଳି ସେମାନଙ୍କର ମୌଳିକ କର୍ତ୍ତବ୍ୟ ସୁଚାରୁରୂପେ ସଂପାଦନ କରନ୍ତି ତାହା ସୁନିଶ୍ଚିତ କରିବା ଲାଗି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଯେପରିକି ସେମାନେ ନିଜର ମୌଳିକ ଅଧିକାର ଉପଭୋଗ କଲାବେଳେ କୌଣସି ପରିସ୍ଥିତିରେ ଯେଭଳି ନିଜର କର୍ତ୍ତବ୍ୟକୁ ଭୁଲି ନଯାଆନ୍ତି ।**

11ତମ ମୌଳିକ କର୍ତ୍ତବ୍ୟ ଯେଉଁଥିରେ ଶିଶୁମାନଙ୍କ ପାଇଁ ଶିକ୍ଷା ସୁଯୋଗ କୁ ସାମିଲ କରାଯାଇଛି ତାହାକୁ ସମ୍ବିଧାନର 86ତମ ସଂଶୋଧନ ଆଇନ, 2002ରେ ସାମିଲ କରାଯାଇଥିଲା ।

ମିଳିତ ସୋଭିଏତ ସାଧାରଣତନ୍ତ୍ର, ଜାପାନ ଓ ଚୀନ ସମ୍ବିଧାନରୁ ମୌଳିକ କର୍ତ୍ତବ୍ୟର ପ୍ରେରଣା ଆହରଣ କରାଯାଇଥିଲା ।

ଆମର ମୌଳିକ କର୍ତ୍ତବ୍ୟ ହେଉଛି ଆମର ଅବିଚ୍ଛେଦ୍ୟ କର୍ତ୍ତବ୍ୟର ଲିପିବଦ୍ଧ ନଥି ଯାହା ଭାରତୀୟ ଜୀବନଧାରାକୁ ସଂପ୍ରସାରିତ କରେ । ଏହା ଆମମାନଙ୍କ ମନରେ ସମାଜ ପ୍ରତି ଶୃଙ୍ଖଳା ଓ ପ୍ରତିବଦ୍ଧତାକୁ ମଧ୍ୟ ପ୍ରୋତ୍ସାହିତ କରେ ।

ମୌଳିକ କର୍ତ୍ତବ୍ୟ ସର୍ବଦା ନାଗରିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ସଂପର୍କରେ ସଚେତନ କରିବା ସକାଶେ ଉଦ୍ଦିଷ୍ଟ ଯଦ୍ୟପି ସମ୍ବିଧାନ ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କ ଉପରେ କେତେକ ମୌଳିକ ଅଧିକାର ନ୍ୟସ୍ତ କରିଛି । ସେହିଭଳି ନାଗରିକମାନେ କେତେଗୋଟି ମୌଳିକ ବିଧି ଅନୁସାରେ ସେମାନଙ୍କର ଗଣତାନ୍ତ୍ରିକ କାର୍ଯ୍ୟାବଳୀ ଓ ଗଣତାନ୍ତ୍ରିକ ଆଚରଣ ସଂପାଦନ କରିବା ଆବଶ୍ୟକ ବୋଲି ସୂଚୀତ ହୋଇଛି କାରଣ କର୍ତ୍ତବ୍ୟ ଓ ଅଧିକାର ପରସ୍ପରର ପରିପୂରକ ।

" ଗଣତନ୍ତ୍ର କେବଳ ଏକ ସରକାର ପରିଚାଳନା ବ୍ୟବସ୍ଥା ନୁହେଁ ... ଏହା ମୂଳତଃ ନିଜ ସହ ନାଗରିକମାନଙ୍କ ପ୍ରତି ସମ୍ମାନ ଓ ସମ୍ଭ୍ରମତାର ଏକ ମନୋଭାବ "

ଡକ୍ଟର ବି ଆର ଆମ୍ବେଦକର


" ପ୍ରତ୍ୟେକ ଭାରତୀୟ ଏବେ ଭୁଲିଯିବା ଉଚିତ ଯେ ସେ ଜଣେ ରାଜପୁତ, ଜଣେ ଶିଖ୍ ଅଥବା ଜଣେ ଜାଠ୍ । ସେ ସଦାସର୍ବଦା ସ୍ମରଣ ରଖିବା ଉଚିତ ଯେ ସେ ଜଣେ ଭାରତୀୟ ଏବଂ ତା ର ଏ ଦେଶରେ ପ୍ରତ୍ୟେକ ଅଧିକାର ରହିଛି କିନ୍ତୁ ସେଥି ସହିତ କେତେ ଗୋଟି " କର୍ତ୍ତବ୍ୟ ମଧ୍ୟ ସାମିଲ ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ

ନାଗରିକ ମୌଳିକ କର୍ତ୍ତବ୍ୟ ରେ ସକ୍ରିୟ ଅଂଶଗ୍ରହଣ ଆମକୁ ଆମର ଜାତୀୟ ଲକ୍ଷ୍ୟକୁ ବୁଝିବାରେ ସହାୟକ ହୋଇପାରିବ ।

1999 ମସିହା ଅକ୍ଟୋବର ମାସରେ, ଜଷ୍ଟିସ୍ ବର୍ମାଙ୍କ ଅଧକ୍ଷତାରେ ଗଠିତ ଏକ କମିଟି ସରକାରଙ୍କୁ ଦେଶର ନାଗରିକମାନଙ୍କୁ ମୌଳିକ କର୍ତ୍ତବ୍ୟ ସଂପର୍କରେ ଶିକ୍ଷା ଦେବାକୁ ପରାମର୍ଶ ପାଇଁ ରିପୋର୍ଟ ପ୍ରଦାନ କରିଥିଲା

# ସମ୍ବିଧାନରେ ଲିଖିତ 11ଟି ମୌଳିକ କର୍ତ୍ତବ୍ୟ (ଭାଗ– 4-A, ଧାରା 51 A)



- ସମ୍ବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ
- ସ୍ୱାଧୀନତା ଆନ୍ଦୋଳନର ଆଦର୍ଶକୁ ଅନୁସରଣ କରିବା
- ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା
- ରାଷ୍ଟ୍ରର ସୁରକ୍ଷା ଏବଂ ଜାତୀୟ କର୍ତ୍ତବ୍ୟ ସଂପାଦନ କରିବା
- ସୌହାର୍ଦ୍ଦ୍ୟ ଓ ଭାତୃଭାବକୁ ପ୍ରୋତ୍ସାହନ ଦେବା
- ଦେଶର ମିଳିତ ସଂସ୍କୃତିର ମହାନ ଐତିହ୍ୟର ସଂରକ୍ଷଣ
- ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତିକରଣ
- ବୈଜ୍ଞାନିକ ମନୋଭାବ ଓ ମାନବିକତା ଆଦି ଭାବନାର ବିକାଶ
- ରାଷ୍ଟ୍ରୀୟ ସମ୍ପତ୍ତିର ସୁରକ୍ଷା ଓ ହିଂସା ପରିହାର
- ଉତ୍କର୍ଷ ପାଇଁ ପ୍ରଚେଷ୍ଟା
- ସମସ୍ତଙ୍କୁ ଶିକ୍ଷା ସୁଯୋଗ ପ୍ରଦାନ

**ଆମ ସମ୍ବିଧାନରେ ମୌଳିକ କର୍ତ୍ତବ୍ୟଗୁଡ଼ିକୁ ସାମିଲ କରାଯାଇ ଏହାକୁ ଧାରା 29(1)ର ଥିବା ସାର୍ବଜନୀନ ମାନବାଧିକାରର ସୁରକ୍ଷା ସହ ସଂଯୋଗ କରିଦିଆଯାଇଛି ।**

" ଜୀବନ ବଞ୍ଚିବାର ଅଧିକାର ଆମକୁ ସେତିକି ବେଳେ ପ୍ରାପ୍ତ ହୁଏ ଯେତେବେଳେ ଆମେ ବିଶ୍ୱର ନାଗରିକ ଭାବେ ଆମର କର୍ତ୍ତବ୍ୟ ସୁଚାରୁରୂପେ ସଂପାଦନ କରିଥାଉ । ଏହି ମୌଳିକ ବିବୃତ୍ତିରୁ ସମ୍ଭବତଃ ପୁରୁଷ ଓ ମହିଳାମାନଙ୍କର କର୍ତ୍ତବ୍ୟର ସଂଜ୍ଞା ନିରୂପଣ କରିବା ସହଜସାଧ୍ୟ ଏବଂ ଏଥିସହ ପ୍ରତ୍ୟେକ ଅଧିକାରକୁ କୌଣସି ନା କୌଣସି କର୍ତ୍ତବ୍ୟ ସହ ସଂପର୍କୀତ କରିହେବ ଯାହାକି ନାଗରିକ ଭାବେ ସଂପାଦନ କରିବା ପରମ ଦାୟିତ୍ୱ । ଅନ୍ୟଥା ପ୍ରତ୍ୟେକ ଅଧିକାର ଅପହରଣ ହୋଇଯିବା ପରି ଅନୁଭୂତ ହେବ ଏବଂ ତାହା ବିରୋଧରେ ସଂଗ୍ରାମ କରିହେବ ନାହିଁ "

ମହାତ୍ମା ଗାନ୍ଧୀ

### ମୌଳିକ କର୍ତ୍ତବ୍ୟ ଓ ଅଧିକାର ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ ସଦୃଶ

ମହାତ୍ମା ଗାନ୍ଧୀ କହିଥିଲେ ଯେ, ଅଧିକାରର ଉତ୍ସ ହେଉଛି କର୍ତ୍ତବ୍ୟ । ଯଦି ଆମେ ଆମର କର୍ତ୍ତବ୍ୟ ସୁଚାରୁରୂପେ ସଂପାଦନ କରୁଛେ , ଆମକୁ ଅଧିକାରକୁ ବେଶୀ ଦୂର ପର୍ଯ୍ୟନ୍ତ ଖୋଜିବାକୁ ପଡ଼ିବନାହିଁ ।

ଗଣତନ୍ତ୍ରର ଚେର ସେତେବେଳ ପର୍ଯ୍ୟନ୍ତ ସମାଜରେ ଗଭୀର ପର୍ଯ୍ୟନ୍ତ ଯାଇପାରିବନାହିଁ ଯେତେବେଳ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ମୌଳିକ ଅଧିକାରକୁ ମୌଳିକ କର୍ତ୍ତବ୍ୟ ସହିତ ପରିପୂରକ ବୋଲି ଭାବିନାହାନ୍ତି ।

ପ୍ରତ୍ୟେକ ଅଧିକାର ନିଜ ସହ ଏକ ସଂପର୍କୀତ କର୍ତ୍ତବ୍ୟ ବହନ କରିଥାଏ । ଜଣୈକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ଅନ୍ୟମାନଙ୍କ ଅଧିକାରକୁ ସୁନିଶ୍ଚିତ କରିଥାଏ ।

ଆମେ ନିଜ କର୍ତ୍ତବ୍ୟ ଠିକ ଭାବେ ସଂପାଦନ କଲେ, ଅଧିକାର ପାଇବାକୁ ହକଦାର ହେବା ।